ଚଳନ୍ତିକା

ଇସ୍ରାଏଲ୍–ପାଲେଷ୍ଟାଇନ୍ ଯୁଦ୍ଧର ସମାଧାନ ସମ୍ଭବ

ମହାମେଘବାହନ ଐର ଖାରବେଳ ସ୍ୱାଇଁ

ଗତ କେତେ ସପ୍ତାହ ମଧ୍ୟରେ ମଧ୍ୟ ପ୍ରାଚ୍ୟର ଗାଜାରେ ଚାଲିଥିବା ଇସ୍ରାଏଲ–ପାଲେଷ୍ଟାଇନ୍ ଯୁଦ୍ଧକୁ ନେଇ ଭାରତ ବିଚିତ୍ର ଆଚରଣ ପ୍ରଦର୍ଶନ କରିଛି। ଏହି ଲଢ଼େଇ ପାଖାପାଖି ମାସେ ହେବ ଲାଗିଲାଣି ଓ ଏଥିରେ ୧,୭୦୦ରୁ ଅଧିକ ବ୍ୟକ୍ତି ପ୍ରାଣ ହରାଇଲେଣି, ଯେଉଁମାନଙ୍କ ମଧ୍ୟରୁ ୧,୬୦୦ରୁ ଅଧିକ ହେଉଛନ୍ତି ଗାଜାବାସୀ। ଏହି ଲଢ଼େଇକୁ ନେଇ ଭାରତର ସଂସଦରେ ବିରୋଧୀଦଳମାନଙ୍କ ଚାପ ଯୋଗୁଁ ବିତର୍କ ହୋଇଥିଲା। କିନ୍ତୁ ପାଲେଷ୍ଟାଇନକୁ ସମର୍ଥନ କରି ଏକ ପ୍ରସ୍ତାବ ଆଗତ ହେବା ଯୁକ୍ତିକୁ ମୋଦି ସରକାର ବିରୋଧ କରିଥିଲେ। ଏନ୍.ଡି.ଏ.ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ, ଭାରତ ଏ ବିଷୟରେ ହେଉଛି ନିରପେକ୍ଷ। ତେଣୁ କୌଣସି ଗୋଟିଏ ପକ୍ଷକୁ ସମର୍ଥନ କରି ଭାରତର ସଂସଦରେ ଏକ ପ୍ରସ୍ତାବ ଗୃହୀତ ହେବା କଥାକୁ ସରକାର ସମର୍ଥନ କରନ୍ତି ନାହିଁ।

ଅତୀତରେ ନେହେରୁଙ୍କ ସରକାରଙ୍କଠାରୁ ଆରମ୍ଭ କରି କଂଗ୍ରେସ ନେତୃତ୍ୱାଧୀନ ମନମୋହନ ସିଂହଙ୍କ ସରକାରଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ସରକାର (୧୯୭୭ର ଜନତା ପାର୍ଟି ସରକାର ଓ ୧୯୯୮ର ବାଜପେୟୀ ସରକାରଙ୍କୁ ବାଦ୍ ଦେଇ) ପାଲେଷ୍ଟାଇନକୁ ସମର୍ଥନ କରି ଆସିଛନ୍ତି। ପାଲେଷ୍ଟାଇନ ରାଜ୍ୟକୁ ଏକପ୍ରକାର ସରକାରୀ ମାନ୍ୟତା ଦେଇ ଆସିଛନ୍ତି। ପୂର୍ବତନ ପାଲେଷ୍ଟାଇନର ରାଷ୍ଟ୍ରପତି ଓ ପାଲେଷ୍ଟାଇନର 'ଅଲ୍–ଫତାହ' ଆନ୍ଦୋଳନର ମୁଖ୍ୟ ୟାସେର ଆରାଫତ୍‌ଙ୍କୁ ଏକ ସ୍ୱୀକୃତ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟଙ୍କ ସମ୍ମାନ ପ୍ରଦର୍ଶନ କରି ଆସିଛନ୍ତି। ଆରାଫତ୍ ସେଥିପାଇଁ ଅତୀତରେ ବାରମ୍ବାର ଭାରତ ଆସିଛନ୍ତି ଓ ରାଜକୀୟ ସମ୍ମାନ ପାଇ ଫେରିଛନ୍ତି। ଜାତିସଙ୍ଘଠାରୁ ଆରମ୍ଭକରି ଅଧିକାଂଶ ଆନ୍ତର୍ଜାତିକ ସଂଗଠନମାନଙ୍କରେ ଯେଉଁଠି ସୁଯୋଗ ମିଳିଛି, ଭାରତ, ପାଲେଷ୍ଟାଇନକୁ ସମର୍ଥନ ଦେଇ ଆସିଛି। ତେଣୁ ଯେତେବେଳେ ଏ ସମ୍ପର୍କିତ କୌଣସି ପ୍ରସ୍ତାବ ଗ୍ରହଣ କରିବାକୁ ଏନ୍.ଡି.ଏ. ସରକାର ମନା କରିଦେଲେ, ସେତେବେଳେ ମନେହେଲା, ପ୍ରଥମ ଥର ପାଇଁ ଏହି ଅଣକଂଗ୍ରେସ ସରକାର ଭାରତର ବିଦେଶ ନୀତିରେ ଏକ ମୌଳିକ ପରିବର୍ତ୍ତନ ଆଣିଲେ।

ପୂର୍ବରୁ କୁହାଯାଉଥିଲା ଯେ, ପାଲେଷ୍ଟାଇନକୁ ସମର୍ଥନ ଦେଇ କଂଗ୍ରେସ ଦଳ ଭାରତର ମୁସଲମାନମାନଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରୁଥିଲା ତଥା ନିର୍ବାଚନରେ ସେମାନଙ୍କ ଭୋଟ ପାଇବାକୁ ଚେଷ୍ଟା କରୁଥିଲା। ସେତେବେଳେ ସାରା ବିଶ୍ୱର ମୁସଲମାନ ସମ୍ପ୍ରଦାୟ ପାଲେଷ୍ଟାଇନକୁ ଇସ୍ରାଏଲ ବିରୁଦ୍ଧରେ ସମର୍ଥନ ଜଣାଉଥିଲେ।

କିନ୍ତୁ ଦୁଇ ସପ୍ତାହ ତଳେ ଓ ଭାରତର ସଂସଦରେ ପାଲେଷ୍ଟାଇନକୁ ସମର୍ଥନ କରି ପ୍ରସ୍ତାବ ଗ୍ରହଣ କରା ନଗଲା ପରେ ଜେନେଭାଠାରେ ଅନୁଷ୍ଠିତ ଜାତିସଙ୍ଘର ମାନବିକ ଅଧିକାର କମିଶନ୍‌ର ଏକ ବୈଠକରେ ଆସିଥିବା ପାଲେଷ୍ଟାଇନକୁ ସମର୍ଥନ କରୁଥିବା ପ୍ରସ୍ତାବ ସପକ୍ଷରେ ଭାରତ ଭୋଟ ଦେଇଛି ଏବଂ ମାତ୍ର ସପ୍ତାହକ ମଧ୍ୟରେ ଦୁଇଟି ଅଲଗା ପ୍ରକାର ସଂକେତ ଦେଇ ଭାରତ ସମସ୍ତଙ୍କୁ ଚକିତ କରି ଦେଇଛି। ଜାତିସଙ୍ଘରେ ପାଲେଷ୍ଟାଇନ ସପକ୍ଷରେ ଭୋଟ ଦେଇ ମୋଦି ସରକାର ସଙ୍କେତ ଦେଇଛନ୍ତି ଯେ, ଏ ସମ୍ପର୍କରେ ତାଙ୍କ ପୂର୍ବବର୍ତ୍ତୀ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ଓ ତାଙ୍କର ମତ ସମାନ। ଭାରତରେ ଥିବା ଅଗଣିତ ଇସ୍ରାଏଲ ସପକ୍ଷବାଦୀମାନେ ଏହାକୁ ନେଇ ଘୋର କ୍ଷୁବ୍ଧ। କାହିଁକି ମୋଦି ସରକାର ଏପରି କଲେ, ତାହା ସେମାନେ ବୁଝି ପାରୁନାହାନ୍ତି। ସେମାନେ ଯୁକ୍ତି କରୁଛନ୍ତି ଯେ, ଯଦିବି ପାଲେଷ୍ଟାଇନ ବିରୁଦ୍ଧରେ ଭୋଟ ଦେବାକୁ ଭାରତ ନଚାହିଁଲା, ତେବେ ଅନ୍ତତଃ

ଭୋଟ ଦାନରୁ ବିରତ ରହିଥାନ୍ତା। ଭାରତର ସଂସଦରେ ନିଜକୁ ଏହି ବିବାଦରେ ନିରପେକ୍ଷ ବୋଲି ବର୍ଣ୍ଣନା କରିଥିବା ଏନ.ଡି.ଏ. ସରକାର ଜାତିସଙ୍ଘ ମଞ୍ଚରେ ଭୋଟ ନଦେଇ ନିଜର ସେହି ନିରପେକ୍ଷତା ସାବ୍ୟସ୍ତ କରିପାରିଥାନ୍ତେ ! ସେଠାରେ ଭୋଟ ଦେଇ ନିଜକୁ ପକ୍ଷପାତୀ ବୋଲି ଉପସ୍ଥାପିତ କଲେ କାହିଁକି ?

କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୁକ୍ତି କରାଯାଉଛି ଯେ, ଭାରତ ଚାହିଁଲେ ମଧ୍ୟ ଭୋଟ ଦାନରୁ ବିରତ ରହିପାରିନଥାନ୍ତା । କାରଣ, ଜୁଲାଇ ତୃତୀୟ ସପ୍ତାହରେ ବ୍ରାଜିଲଠାରେ ଯେଉଁ 'ବ୍ରିକ୍ସ' ରାଷ୍ଟ୍ରଗୋଷ୍ଠୀର ସମ୍ମେଳନ ହୋଇଥିଲା ଓ ଯେଉଁଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେଇଥିଲେ ସେଥିରେ ପାଲେଷ୍ଟାଇନ ପ୍ରସଙ୍ଗକୁ ନେଇ ଗୋଟିଏ ପ୍ରସ୍ତାବ ସର୍ବସମ୍ମତ ଭାବେ ଗୃହୀତ ହୋଇଥିଲା । ଏହି ରାଷ୍ଟ୍ରଗୋଷ୍ଠୀରେ ବିଶ୍ୱର ନବ୍ୟ ବିକାଶଶୀଳ ରାଷ୍ଟ୍ର, ବ୍ରାଜିଲ, ରୁଷିଆ, ଭାରତ, ଚୀନ୍ ଓ ଦକ୍ଷିଣଆଫ୍ରିକା ସଦସ୍ୟ ରାଷ୍ଟ୍ର ରୂପେ ଯୋଗ ଦେଇଥିଲେ । ସେଥିରେ ଯେଉଁ ପ୍ରସ୍ତାବ ଗୃହୀତ ହୋଇଥିଲା ସେଥିରେ ଅଛି, 'ଦୁଇ ରାଷ୍ଟ୍ରୀୟ ସମାଧାନ ଯେଉଁଥିରେ ପରସ୍ପରକୁ ଲାଗିକରି ରହୁଥିବା ଓ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ହୋଇପାରୁଥିବା ଏକ ସ୍ୱାଧୀନ ପାଲେଷ୍ଟାଇନ ରାଷ୍ଟ୍ର ଇସ୍ରାଏଲକୁ ଲାଗିକରି ରହିବା ଉଚିତ, ଯେଉଁଥିରେ ୪ ଜୁନ, ୧୯୬୭ରେ ଥିବା ସୀମାରେଖାକୁ ଦ୍ୱିପାକ୍ଷିକ ସ୍ତରରେ ତଥା ଆନ୍ତର୍ଜାତିକ ସ୍ତରରେ ସ୍ୱୀକୃତି ଦିଆଯିବା ଦରକାର ତଥା ପୂର୍ବ ଜେରୁଜେଲମ୍‌କୁ ଏହାର (ପାଲେଷ୍ଟାଇନର) ରାଜଧାନୀ ରୂପେ ଗ୍ରହଣ କରାଯିବ.....।

ଏଠାରେ ଉଲ୍ଲେଖନୀୟ ଯେ, କୌଣସି ରାଷ୍ଟ୍ରଗୋଷ୍ଠୀର ସମ୍ମେଳନରେ ଏକ ମିଳିତ ପ୍ରସ୍ତାବ ଗୃହୀତ ହେଲେ ତାହା ଦିନେ ଦୁଇଦିନ ମଧ୍ୟରେ ଗୃହୀତ ହୋଇନଥାଏ । ବାସ୍ତବ ସମ୍ମେଳନର କେତେ ମାସ ପୂର୍ବରୁ ସଦସ୍ୟ ରାଷ୍ଟ୍ରମାନଙ୍କର ପଦସ୍ଥ ଅଧିକାରୀମାନେ ମିଳିତ ହୋଇ ଚିଠା ପ୍ରସ୍ତାବଟିକୁ ପ୍ରସ୍ତୁତ କରିଥାନ୍ତି । ବାସ୍ତବ ସମ୍ମେଳନରେ ସେହି ଚିଠା ପ୍ରସ୍ତାବଟିକୁ ସାମାନ୍ୟ ଅଦଳ ବଦଳ କରି ଗୃହୀତ କରାଯାଇଥାଏ। 'ବ୍ରିକ୍ସ' ସମ୍ମେଳନ କ୍ଷେତ୍ରରେ କେତେ ମାସ ତଳୁ ଏହି ପ୍ରସ୍ତାବର ଚିଠା ପ୍ରସ୍ତୁତ ହୋଇଥିବ ଯେତେବେଳେ ୟୁପିଏ ସରକାର କ୍ଷମତାସୀନ ଥିଲେ। ୟୁପିଏ ସରକାରଙ୍କ ନୀତି ଅନୁସାରେ ସେତେବେଳେ ପାଲେଷ୍ଟାଇନ ସପକ୍ଷରେ ଏକ ପ୍ରସ୍ତାବ ପ୍ରସ୍ତୁତ ହୋଇଥିବା ଏକାନ୍ତ ସ୍ୱାଭାବିକ। ଏହି ରାଷ୍ଟ୍ରଗୋଷ୍ଠୀର ଅନ୍ୟ ସଦସ୍ୟ ରୂପେ ରୁଷିଆ ଓ ଚୀନ ଥିବାରୁ ତଥା ସେମାନେ ସଦାବେଳେ ଆନ୍ତର୍ଜାତିକ ସ୍ତରରେ ଆମେରିକାର ବିରୋଧ କରୁଥିବାରୁ ଏ କ୍ଷେତ୍ରରେ ପାଲେଷ୍ଟାଇନକୁ ସମର୍ଥନ ଦେଇଛନ୍ତି। କାରଣ, ସଦାବେଳେ ଆମେରିକା, ଇସ୍ରାଏଲକୁ ପୂର୍ଣ୍ଣ ରୂପେ ପୃଷ୍ଠପୋଷକତା କରି ଆସିଛି। ବ୍ରାଜିଲ ମଧ୍ୟ ଏହି ପ୍ରସଙ୍ଗରେ ପାଲେଷ୍ଟାଇନକୁ ସମର୍ଥନ ଦେଇ ଆସିଛି। ଭାରତ ହୁଏତ ଏକାକୀ ଏହାର ବିରୋଧ କରିପାରିଥାନ୍ତ । ଯାହା ସେ କରିନାହିଁ।

ଇତିହାସକୁ ପର୍ଯ୍ୟାଲୋଚନା କଲେ, ଦୁଇ ହଜାର ବର୍ଷ ତଳେ ଯେତେବେଳେ ଯୀଶୁଖ୍ରୀଷ୍ଟ ଜନ୍ମ ନେଲେ, ସେତେବେଳେ ପାଲେଷ୍ଟାଇନରେ ଇହୁଦୀ ସାମ୍ରାଜ୍ୟ ଥିଲା। ପାଲେଷ୍ଟାଇନର ରାଜା ଇହୁଦୀ ଥିଲେ। ଯୀଶୁଖ୍ରୀଷ୍ଟ ଏକ ନୂଆ ଧର୍ମ ପ୍ରତିଷ୍ଠା କରିବାରୁ ତାଙ୍କୁ ଇହୁଦୀ ସମ୍ରାଟ ବିରୋଧ କଲେ। ଯୀଶୁଖ୍ରୀଷ୍ଟ ନିଜେ ଇହୁଦୀ ଥିଲେ ମଧ୍ୟ ତାଙ୍କୁ ଇହୁଦୀମାନେ କ୍ରୁଶବିଦ୍ଧ କରି ମାରିଦେଲେ। କିନ୍ତୁ ଯୀଶୁଖ୍ରୀଷ୍ଟଙ୍କ ମୃତ୍ୟୁ ପରେ ଖ୍ରୀଷ୍ଟଧର୍ମର ପ୍ରସାର ବ୍ୟାପକ ହେବାରୁ ଖ୍ରୀଷ୍ଟିଆନମାନେ ଅଧିକ ପ୍ରଭାବଶାଳୀ ହୋଇ ଅତ୍ୟାଚାରୀ ଇହୁଦୀମାନଙ୍କୁ ପାଲେଷ୍ଟାଇନରୁ ତଡ଼ିଦେଲେ। ଏହା ପରେ ଦୀର୍ଘ ୨୦୦ ବର୍ଷ ଧରି ଇହୁଦୀମାନେ ନିଜ ରାଷ୍ଟ୍ର ଛାଡ଼ି ସାରା ପୃଥିବୀରେ ବିଛାଡ଼ି ହୋଇ ପଡ଼ିଲେ। ୟୁରୋପ, ଆମେରିକା ଓ ଭାରତରେ ମଧ୍ୟ ସେମାନେ ବସବାସ କରିବାକୁ ଲାଗିଲେ ଶତାବ୍ଦୀ ଶତାବ୍ଦୀ ଧରି।

ଇହୁଦୀମାନେ କିନ୍ତୁ ଅତି ବୁଦ୍ଧିମାନ ଓ ବ୍ୟବସାୟୀ ଥିଲେ। ସେମାନଙ୍କ ସଂବୃଦ୍ଧି ସେମାନଙ୍କୁ ସ୍ଥାନୀୟ ଲୋକମାନଙ୍କର ଈର୍ଷାର କାରଣ ରୂପେ ଠିଆ କରି ଦେଲା। ବିଖ୍ୟାତ ଇଂରାଜୀ ନାଟ୍ୟକାର ସେକ୍ସପିୟରଙ୍କର 'ମର୍ଚ୍ଚେଣ୍ଟ ଅଫ୍ ଭେନିସ୍' ନାଟକରେ 'ସାଇଲକ୍' ବୋଲି ଯେଉଁ କୃପଣ, ଅତ୍ୟାଚାରୀ ଓ ଧନପିପାସୁ ଚରିତ୍ରର ବର୍ଣ୍ଣନା ଅଛି,ସେ ହେଉଛି ଇହୁଦୀ । ଭାରତର ଅଟଳବିହାରୀ ବାଜପେୟୀଙ୍କ ସରକାର ବେଳେ ସେନାବାହିନୀର ଜଣେ ବିଶିଷ୍ଟ ସେନାଧକ୍ଷ ଥିବା ଲେଫ୍ଟନାଣ୍ଟ ଜେନେରାଲ୍ ଜାକବ୍‌ଙ୍କୁ ପଞ୍ଜାବର ରାଜ୍ୟପାଳ କରାଯାଇଥିଲା । ଜର୍ମାନୀରେ ସେମାନେ ସଂବୃଦ୍ଧ ଥିବାହେତୁ, ଦ୍ୱିତୀୟ ବିଶ୍ୱଯୁଦ୍ଧବେଳେ ସେଠାକାର ଏକ ନାୟକ ହିଟଲର୍, ସେମାନଙ୍କ ମଧ୍ୟରୁ ପ୍ରାୟ ତିନିଲକ୍ଷଙ୍କୁ ଗ୍ୟାସ୍ ଚାମ୍ବର ମଧ୍ୟରେ ରଖି, ବିଷାକ୍ତ ଗ୍ୟାସ ପ୍ରୟୋଗ କରି ମାରି ଦେଇଥିଲେ । ଜର୍ମାନୀର ଅଧୋଗତି ପାଇଁ ହିଟଲର ସେମାନଙ୍କୁ ହିଁ ଦାୟି କରିଥିଲେ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବିଜୟୀ ଇଂଲାଣ୍ଡ ନେତୃତ୍ୱାଧୀନ ମିତ୍ରପକ୍ଷ, ହିଟଲର୍ ନିର୍ଯାତିତ ଏହି ଅସହାୟ ଜାତିକୁ

ପାଲେଷ୍ଟାଇନରେ ଜାଗା ଦେଇଥିଲେ ଏକ ନୂଆରାଷ୍ଟ୍ର ଗଠନ ପାଇଁ। ସେତେବେଳେ ପାଲେଷ୍ଟାଇନରେ ମୁସଲମାନ ଓ ଇହୁଦୀଙ୍କର ସଂଖ୍ୟା ପ୍ରାୟ ସମାନ ଥିଲା। ପାର୍ଶ୍ୱବର୍ତ୍ତୀ ଇସଲାମୀ ରାଷ୍ଟ୍ର, ଇଜିପ୍ଟ, ଜୋର୍ଡାନ୍, ସିରିଆ, ଲେବାନନ୍ ଆଦି ପାଲେଷ୍ଟାଇନକୁ ସମର୍ଥନ ଦେଉଥିଲେ । ସେମାନେ ସମସ୍ତେ ଥିଲେ ନୂଆ ପାଲେଷ୍ଟାଇନ ରାଷ୍ଟ୍ରର ବିରୋଧୀ । ସେମାନେ ଏକ ମିଳିତ ସେନା ଗଠନ କରି ଇସ୍ରାଏଲ ବିରୁଦ୍ଧରେ ଲଢ଼େଇ ଆରମ୍ଭ କଲେ । ସେତେବେଳେ ପାଲେଷ୍ଟାଇନ ବ୍ରିଟିଶ୍ ଶାସନାଧୀନ ଥିଲା। କିନ୍ତୁ ସେମାନେ ସେହି ଅଞ୍ଚଳ ଛାଡ଼ିବାକୁ ଏକ ନିର୍ଦ୍ଦିଷ୍ଟ ତାରିଖ ଘୋଷଣା କରିବାରୁ ଇହୁଦୀ ଓ ମୁସଲମାନମାନଙ୍କ ମଧ୍ୟରେ ଘୋର ଯୁଦ୍ଧ ଆରମ୍ଭ ହେଲା। ବ୍ରିଟିଶ୍‌ମାନେ ଇହୁଦୀମାନଙ୍କୁ ଜାଗା ଦେଇଥିଲେ ମଧ୍ୟ ସେ ଜାଗାକୁ ଦଖଲ କରିବା ପାଇଁ ସେମାନେ ତାଙ୍କୁ (ଇହୁଦୀମାନଙ୍କୁ) କୌଣସି ସାହାଯ୍ୟ କଲେ ନାହିଁ। ଭାରତର ବ୍ରିଟିଶ ସରକାର ସ୍ୱାଧୀନତା ଆନ୍ଦୋଳନ ବେଳେ ମୁସଲିମ୍ ଲିଗ୍‌କୁ ପରୋକ୍ଷ ସମର୍ଥନ ଦେବା ପରି ପାଲେଷ୍ଟାଇନକୁ ମଧ୍ୟ ସେଠାରେ ପରୋକ୍ଷ ସମର୍ଥନ ଦେଲେ। କିନ୍ତୁ ଇହୁଦୀମାନେ ସେମାନଙ୍କ ମଧ୍ୟରେ ଐକ୍ୟ ପ୍ରତିଷ୍ଠା କରି ଯେମିତି ଅସାଧାରଣ ବୀରତ୍ୱର ସହିତ ଲଢ଼ିଲେ ତାହା ବିଶ୍ୱ ଇତିହାସରେ ଲିପିବଦ୍ଧ ହୋଇ ରହିଛି। ନୂଆକରି ବିଶ୍ୱର ବିଭିନ୍ନ ଦେଶରୁ ଆସି ଇସ୍ରାଏଲରେ ପହଞ୍ଚିଥିବା ଓ ଭାଷା ମଧ୍ୟ ଜାଣିନଥିବା ଇହୁଦୀମାନେ ଯେମିତି ପିତୃଭୂମି ପାଇଁ ଲଢ଼ିଲେ ଓ ପ୍ରାଣବଳି ଦେଲେ ତାହା ଅବିଶ୍ୱାସ୍ୟ। ଗୋଟିଏ ପଟରେ ଇହୁଦୀମାନଙ୍କର ଐକ୍ୟବଦ୍ଧ ସଂଗ୍ରାମ ବେଳେ ଅନ୍ୟ ପକ୍ଷରେ ପାଲେଷ୍ଟାଇନକୁ ସମର୍ଥନ କରୁଥିବା ବିଭିନ୍ନ ପଡ଼ୋଶୀ ଇସଲାମୀ ରାଷ୍ଟ୍ରମାନେ କେମିତି ପାଲେଷ୍ଟାଇନ ଦଖଲ ବେଳେ ନିଜେ ଅନ୍ୟ ମିତ୍ର ରାଷ୍ଟ୍ର ଅପେକ୍ଷା ଅଧିକ ଅଞ୍ଚଳ ମାଡ଼ି ବସିବେ ସେହି ଲକ୍ଷ୍ୟରେ ରହିଲେ। ପାଲେଷ୍ଟାଇନ ରାଷ୍ଟ୍ର ବରଂ ପ୍ରତିଷ୍ଠା ନହେଉ, କିନ୍ତୁ ଅନ୍ୟ ପଡ଼ୋଶୀ ଇସଲାମୀ ରାଷ୍ଟ୍ର ଯେମିତି ଅଞ୍ଚଳ ଦଖଲ କରିବାରେ ସଫଳ ନହେଉ, ତାହା ଥିଲା ସେମାନଙ୍କର ଅସଲ ଲକ୍ଷ୍ୟ। ତେଣୁ ଇଜିପ୍ଟ, ଜୋର୍ଡାନ, ସିରିଆ ତଥା ପାଲେଷ୍ଟାଇନ ମୁକ୍ତି ସଂଗଠନ ଆଦି ପାରସ୍ପରିକ କଳହ ଓ ତଣ୍ଟିକଟା ନୀତିରେ ବ୍ୟସ୍ତ ରହିବାରୁ ଇହୁଦୀମାନେ ସେମାନେ ଚାହୁଁଥିବା ଅନେକ ଅଞ୍ଚଳ ଦଖଲ କରି ନେଲେ, ଯଦିଓ ସେମାନଙ୍କର ସ୍ୱପ୍ନର ଜେରୁସେଲମ୍ ସହର ସେମାନଙ୍କର ନିୟନ୍ତ୍ରଣ ବାହାରେ ରହିଗଲା। ଯୁଦ୍ଧ ବିରତି ଘୋଷଣା ବେଳକୁ ଏହି ସ୍ଥିତି ଥିଲା।

ଏସବୁ ଘଟଣା ଘଟିଥିଲା ୧୯୪୮ରେ ଯେତେବେଳେ ଭାରତ ମଧ୍ୟ ସ୍ୱାଧୀନତା ପାଇଲା। ଏହାପରେ କିନ୍ତୁ ଇସ୍‌ଲାମୀ ରାଷ୍ଟ୍ରମାନେ ଇସ୍ରାଏଲକୁ ପୃଥିବୀ ପୃଷ୍ଠରୁ ଲୋପ କରିଦେବାକୁ ବାରମ୍ବାର ଚେଷ୍ଟା କଲେ। ଆତ୍ମରକ୍ଷା ପାଇଁ ଇସ୍ରାଏଲକୁ ୧୯୪୮ ଓ ୧୯୬୭ ଏମିତି ୧୯ ବର୍ଷ ଧରି ଅଦମ୍ୟ ପ୍ରୟାସ କରିବାକୁ ପଡ଼ିଲା। ମୁଖ୍ୟତଃ ଆମେରିକା ଓ ତା'ର ବନ୍ଧୁ ରାଷ୍ଟ୍ରମାନଙ୍କର ସ୍ୱୀକୃତି ଓ ସହଯୋଗ ଯୋଗୁଁ ଇସ୍ରାଏଲ ସେତେବେଳେ କୌଣସି ପ୍ରକାର ବଞ୍ଚିଗଲା।

କିନ୍ତୁ ୧୯୬୭ରେ ଯେତେବେଳେ ପୂର୍ବବର୍ଣ୍ଣିତ ଇସଲାମୀ ରାଷ୍ଟ୍ରମାନେ ମିଳିତ ଭାବେ ଚାରିପଟୁ ଇସ୍ରାଏଲ ଉପରେ ଆକ୍ରମଣ କରି ମାତ୍ର ସପ୍ତାହକ ମଧ୍ୟରେ ଏ ଦେଶକୁ ପୃଥିବୀ ପୃଷ୍ଠରୁ ଲୋପ କରିଦେବେ ବୋଲି ବାହାସ୍ଫୋଟ ମାରୁଥିଲାବେଳେ ଯୁଦ୍ଧ ଆରମ୍ଭ ହେବାର ମାତ୍ର ୭ ଦିନ ମଧ୍ୟରେ ଇସ୍ରାଏଲ ତା'କୁ ଆକ୍ରମଣ କରିଥିବା ସମସ୍ତ ପଡ଼ୋଶୀ ଦେଶର ଯୁଦ୍ଧ ବିମାନମାନଙ୍କୁ ଧ୍ୱଂସ କରିଦେବା ସଙ୍ଗେସଙ୍ଗେ ସିରିଆର ଗୋଲାନ୍ ହାଇଟସ୍, ଇଣ୍ଟର ସାଏନାଇ ମରୁଭୂମି, ପାଲେଷ୍ଟାଇନର ପଶ୍ଚିମତଟ (ଗୋଲାନ୍ ହାଇଟ୍‌ସ୍ ଓ ଗାଜାପଟି) ଅଞ୍ଚଳକୁ ଦଖଲ କରିନେଲା। କେବଳ ସେତକ ନୁହେଁ, ୧୯୪୮ରେ ଜେରୁସେଲମ୍ ସହର ଦଖଲ କରିବାରେ ସେମାନେ ଯେଉଁ ବିଫଳ ହୋଇଥିଲେ, ତାହାକୁ ଏଥର ସଫଳତାରେ ପରିଣତ କରି ନିଜର ରାଜଧାନୀ ତେଲ୍‌ଆଭିଭ୍‌କୁ ସେଠାରୁ ଉଠାଇନେଲେ। ପାଲେଷ୍ଟାଇନକୁ ଅତୀତରେ ପୂର୍ଣ୍ଣ ସମର୍ଥନ ଦେଇ ଆସିଥିବା ଇସ୍‌ଲାମୀ ରାଷ୍ଟ୍ରମାନେ ଏତେବେଳେ କେବଳ କିଛି ବିବୃତି ଦେଇ ନିଜର କର୍ତ୍ତବ୍ୟ ସମାପନ କଲେ। ଏହାପରେ ଅନେକବାର ଛୋଟ ଛୋଟ ଯୁଦ୍ଧ ହୋଇଛି ଯେଉଁଥିରେ ସଦାବେଳେ ଇସ୍ରାଏଲ ହିଁ ଜିତି ଆସିଛି। କିନ୍ତୁ ୧୯୭୨ରେ ଜର୍ମାନୀର ବର୍ଲିନଠାରେ ଯେଉଁ ଅଲିମ୍ପିକସ୍ ଖେଳ ହୋଇଥିଲା ସେଠାରେ ପାଲେଷ୍ଟାଇନ ଉଗ୍ରବାଦୀମାନେ ସାରା ଇସ୍ରାଏଲର ଖେଳାଳୀମାନଙ୍କୁ ଗୁଳିକରି ହତ୍ୟା କରିଥିଲେ।

ପାଲେଷ୍ଟାଇନକୁ ଏକ ସ୍ୱତନ୍ତ୍ର ରାଷ୍ଟ୍ରରେ ପରିଣତ କରିବା ପାଇଁ ଚେଷ୍ଟା ଏଯାଏ ସଫଳ ହୋଇନାହିଁ। ଇରାନର ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ଅହମେଦୀ ନେଜାଦ୍ ଗୋଟିଏ ପଟରେ ପରମାଣୁ ଅସ୍ତ୍ର ନିର୍ମାଣ ପାଇଁ ପ୍ରୟାସ ଜାରି ରଖିଥିବାବେଳେ ଅନ୍ୟ ପଟରେ 'ଇସ୍ରାଏଲକୁ ପୃଥିବୀ ପୃଷ୍ଠରୁ ଲୋପ କରି ଦିଆଯିବ' ବୋଲି ବାରମ୍ବାର ବିବୃତି ଦେଇ ବାତାବରଣକୁ ଉତ୍ତେଜିତ କରି ରଖିଛନ୍ତି। ଅନ୍ୟ ପକ୍ଷରେ 'ହମାସ୍' ବୋଲି ଏକ ଉଗ୍ରବାଦୀ ସଂଗଠନ ପାଲେଷ୍ଟାଇନରେ ଗଢ଼ି ଉଠିଛି ଯିଏ ଇସ୍ରାଏଲକୁ ପୃଥିବୀ ପୃଷ୍ଠରୁ ଲୋପ କରିଦେବାକୁ ନିଜର ମୁଖ୍ୟ ଲକ୍ଷ୍ୟ ବୋଲି ଘୋଷଣା

କରିଆସିଛି । ଏହି ଉଗ୍ରବାଦୀ ସଂଗଠନକୁ ଇରାନ ଓ ଅନ୍ୟ ଇସଲାମୀ ରାଷ୍ଟ୍ରମାନେ ଅତୀତରେ ସମର୍ଥନ ଦେଇ ଆସିଛନ୍ତି । ଏହି ସଂଗଠନ ବାରମ୍ବାର ଇହୁଦୀମାନଙ୍କୁ ଅପହରଣ କରିବା, ଇସ୍ରାଏଲ ମଧ୍ୟକୁ ଆତ୍ମଘାତୀ ବୋମା ବିସ୍ଫୋରକ ପଠାଇ ବିସ୍ଫୋରଣ କରିବା, ଇହୁଦୀମାନଙ୍କୁ ସୁଯୋଗ ପାଇଲେ ହତ୍ୟା କରିବା, ଇସ୍ରାଏଲ ମଧ୍ୟକୁ ହଜାର ହଜାର ସଂଖ୍ୟାରେ ରକେଟ୍ ମାଡ଼ କରି ସେଠାରେ କ୍ଷୟକ୍ଷତି ଘଟାଇବା କାର୍ଯ୍ୟ କରି ଚାଲିଛି । ଇସ୍ରାଏଲ କିନ୍ତୁ ଏସବୁ ଘଟଣାର ଅତି କଡ଼ା ପ୍ରତିଶୋଧ ନେଇଛି । ଗାଜା ଓ ପଶ୍ଚିମ ତଟକୁ ସେନାବାହିନୀ ପଠାଇ ସେ ଅଞ୍ଚଳରେ ଆତଙ୍କବାଦୀମାନଙ୍କୁ ଧରିବା ଓ ହତ୍ୟା କରିବା, ଉଗ୍ରବାଦୀମାନଙ୍କ ଘାଟିଗୁଡ଼ିକ ଉପରକୁ ପ୍ରଚଣ୍ଡ ତୋପ ଓ ବିମାନ ଆକ୍ରମଣ କରି ସେସବୁକୁ ମାଟିରେ ମିଶାଇଦେବା ଆଦି କାର୍ଯ୍ୟ କରିଛି । ଗୋଟିଏ ଇହୁଦୀର ହତ୍ୟାର ପ୍ରତିଶୋଧରେ ସେମାନେ ଶହ ଶହ ପାଲେଷ୍ଟାଇଲ ନିବାସୀଙ୍କୁ ହତ୍ୟା କରିଛନ୍ତି ଯେମିତିକି ସେମାନେ ଭବିଷ୍ୟତରେ ଆଉ ଆକ୍ରମଣ କରିବେ ନାହିଁ । ୨୦୧୨ରେ ହମାସ୍ ପକ୍ଷରୁ ଇସ୍ରାଏଲ ମଧ୍ୟକୁ ରକେଟ୍ ଆକ୍ରମଣ କରାଯିବାରୁ ଇସ୍ରାଏଲ ସେନା ପାଲେଷ୍ଟାଇଲ ମଧ୍ୟକୁ ପ୍ରବେଶ କରି ବୋମା ମାରି ଧ୍ୱଂସଲୀଳା ସାଧନ କରିଥିଲେ ଏବଂ ଉଗ୍ରବାଦୀ ଓ ସେମାନଙ୍କ ଘାଟିଗୁଡ଼ିକୁ ସଫା କରି ଦେଇଥିଲେ । ସ୍ୱାଭାବିକ ଭାବରେ ଏହି ପ୍ରକ୍ରିୟାରେ ଅନେକ ସାଧାରଣ ନାଗରିକ ପ୍ରାଣ ମଧ୍ୟ ଦେଇଥିଲେ । ବହୁ କଷ୍ଟରେ ଆମେରିକା ଓ ଅନ୍ୟ ଦେଶମାନଙ୍କ ମଧ୍ୟସ୍ଥତାରେ ସେଠାରେ ଶାନ୍ତି ସ୍ଥାପନ ହୋଇଥିଲା ।

ଏଥରର ଇସ୍ରାଏଲ–ପାଲେଷ୍ଟାଇନ ଯୁଦ୍ଧ ଆରମ୍ଭ ହେବାର କାରଣ ହେଲା, ୩୦ ଦିନ ତଳେ ୩ଟି ଇହୁଦୀଙ୍କୁ ଅପହରଣ କରି ନିଆଗଲା । ଇସ୍ରାଏଲର ଧାରଣା 'ହମାସ୍' ଉଗ୍ରବାଦୀମାନେ ଏହା କରିଛନ୍ତି । ତେଣୁ ଇସ୍ରାଏଲ ସେନା ପଶ୍ଚିମତଟ ଗାଜା ଅଞ୍ଚଳକୁ ପ୍ରବେଶ କରି ଅପହୃତ ଇହୁଦୀମାନଙ୍କୁ ଖୋଜିଲେ ଓ ଉଗ୍ରବାଦୀମାନଙ୍କୁ ଗିରଫ କଲେ । ତେଣୁ 'ହମାସ୍' ପକ୍ଷରୁ ଇସ୍ରାଏଲ ଉପରେ ରକେଟ୍ ଆକ୍ରମଣ ହେଲା, ପ୍ରତିଜବାବରେ ଇସ୍ରାଏଲ ବିମାନ ଆକ୍ରମଣ କରି ଗାଜା ଅଞ୍ଚଳକୁ ଧ୍ୱଂସ ସ୍ତୂପରେ ପରିଣତ କରି ଦେଲାଣି ।

ପାଲେଷ୍ଟାଇନ ଅଞ୍ଚଳରେ ଇସ୍ରାଏଲକୁ ଛାଡ଼ିଦେଲେ ଯେଉଁ ଅଞ୍ଚଳ ଏବେ ଦେଶଶୂନ୍ୟ ହୋଇ ପଡ଼ିଛି ତାହା ହେଉଛି ପାଲେଷ୍ଟାଇନ ନିବାସୀଙ୍କ ଅଞ୍ଚଳ । ଏହା ଦୁଇ ଭାଗରେ ବିଭକ୍ତ, ପଶ୍ଚିମତଟ ଓ ଗାଜା । ପଶ୍ଚିମତଟକୁ ଯେଉଁ ସଂଗଠନ ଦଖଲ କରିଛି ତା'ର ରାଷ୍ଟ୍ରପତି ହେଲେ ମହମ୍ମଦ ଆବ୍ବାସ୍ । ସେହି ସଂଗଠନକୁ ନିର୍ବାଚନରେ ୨୦୦୬ରେ ପରାସ୍ତ କରି 'ହମାସ୍' ଗାଜା ଅଞ୍ଚଳକୁ ଅକ୍ତିଆର କରିଥିଲା । 'ହମାସ୍'ର ବିଜୟ ପରେ ଇସ୍ରାଏଲ–ପାଲେଷ୍ଟାଇନ ବିବାଦ ଆହୁରି ବଢ଼ିଛି ।

ଏଠାରେ ଉଲ୍ଲେଖନୀୟ ଯେ, ପୂର୍ବପରି 'ହମାସ୍' ବା ପାଲେଷ୍ଟାଇନକୁ ଆଉ ଇସଲାମୀ ରାଷ୍ଟ୍ରମାନଙ୍କ ସମର୍ଥନ ନାହିଁ । ୨୦୧୧ରେ ଆରବ ରାଷ୍ଟ୍ରମାନଙ୍କରେ ଯେଉଁ 'ବସନ୍ତି ବିପ୍ଳବ' ହୋଇ ଟିଉନିସିଆ, ଇଜିପ୍ଟ, ଲିବ୍ୟା, ୟେମେନ୍ ଆଦି ରାଷ୍ଟ୍ରମାନଙ୍କର ବହୁଦିନର ଏକଛତ୍ରପତି ଶାସକମାନଙ୍କୁ କ୍ଷମତାଚ୍ୟୁତ କଲା, ତାହା ସେଠାକାର ଶାସକମାନଙ୍କୁ ଭୟଭୀତ କରିଛି । ସେମାନେ ଆଉ କୌଣସି ଇସଲାମୀ ସଂଗଠନକୁ ସମର୍ଥନ ଦେବାକୁ ରାଜି ନୁହନ୍ତି । ସେମାନେ ଡରୁଛନ୍ତି ଯେ,ଏହି ଇସଲାମୀ ସଂଗଠନମାନେ ହୁଏତ ଭବିଷ୍ୟତରେ ସେମାନଙ୍କ ପାଇଁ ଭସ୍ମାସୁର ସାଜିପାରନ୍ତି । ତେଣୁ ଯେଉଁ 'ମୁସଲିମ୍ ବ୍ରଦର୍ ହୁଡ୍' ମୌଲବାଦୀ ସଂଗଠନ ଇଜିପ୍ଟର ଏକଛତ୍ରବାଦୀ ହୁସନି ମୁବାରକଙ୍କର ସରକାରର ପତନ କରାଇ ପ୍ରଥମ ଗଣତାନ୍ତ୍ରିକ ନିର୍ବାଚନରେ ଜିତିଥିଲା, ତା'କୁ ସେଠାକାର ସେନାବାହିନୀ କ୍ଷମତାଚ୍ୟୁତ କରି ନିଜେ କ୍ଷମତା ଏକପ୍ରକାର ଦଖଲ କରିଛି । ପୂର୍ବରୁ 'ହମାସ୍' ସଂଗଠନକୁ 'ଇଣ୍ଟାର ମୁସଲିମ୍ ବ୍ରଦରହୁଡ୍' ସଂଗଠନ ପୂର୍ଣ୍ଣ ସମର୍ଥନ ଦେଇ ଆସିଥିବାରୁ ଏବେକାର ଇଜିପ୍ଟର ସେନାନିୟନ୍ତ୍ରିତ ସରକାର 'ହମାସ'କୁ କୌଣସି ସାହାଯ୍ୟ ଦେଉନାହାନ୍ତି । ଇଜିପ୍ଟର ପାଲେଷ୍ଟାଇନ ସୀମାନ୍ତି ଫାଟକଗୁଡ଼ିକୁ ବନ୍ଦ କରି ଦେଇଛନ୍ତି । ଇଜିପ୍ଟ ଓ ଗାଜା ସୀମାରେ ଥିବା ସବୁ ସୁଡ଼ଙ୍ଗମାନଙ୍କୁ ପୋତି ଦେଇଛନ୍ତି । ପୂର୍ବରୁ ଇଜିପ୍ଟ ଓ ଗାଜା ମଧ୍ୟରେ ଏହି ସୁଡ଼ଙ୍ଗଗୁଡ଼ିକ ଦ୍ୱାରା ଚୋରା କାରବାର ତଥା ଅନ୍ୟାନ୍ୟ ସମ୍ପର୍କ ରହୁଥିଲା । ଇରାନର ରାଷ୍ଟ୍ରପତି ରୌହାନୀ ମଧ୍ୟ ନିର୍ବାଚିତ ହେବା ପରେ ଇସ୍ରାଏଲକୁ ଧ୍ୱଂସ କରିବା ଦରକାର ବୋଲି କୌଣସି ବିବୃତି ଦେଇନାହାନ୍ତି । ଏହାଛଡ଼ା ସେହି ପାଲେଷ୍ଟାଇନର ବଡ଼ ଅଂଶ ପଶ୍ଚିମ ତଟର ଆବ୍ବାସ୍ ସରକାରଙ୍କ ସହ 'ହମାସ୍'ର ସମ୍ପର୍କ ଅତି ତିକ୍ତ ।

ଏଣୁ ପାଲେଷ୍ଟାଇନକୁ ସମର୍ଥନ ନକଲେ ମୁସଲମାନମାନେ ରାଗି ଯିବେ ବୋଲି ଭାରତ ସରକାର ଭାବିବା ଉଚିତ୍ ନୁହେଁ । ବରଂ 'ହମାସ୍' ପରି ଉଗ୍ରବାଦୀ ଇସଲାମୀ ସଂଗଠନକୁ ନୈତିକ ସାହାଯ୍ୟ ଦେବା ଉଚିତ୍ ନୁହେଁ । ଇରାକ୍ ଓ ସିରିଆରେ ଯେଉଁ ଆଇ.ଏସ୍.ଆଇ.ଏସ. ଇସଲାମୀ ସଂଗଠନର ଅଭ୍ୟୁଦୟ ହୋଇଛି ତାର ନେତା ଅଲ୍ ବାଗଦାଦୀ ଯେମିତି ନିଜକୁ ଇସଲାମୀ ଜଗତର

ଖଲିଫା ଓ ଶାସକ ବୋଲି ଘୋଷଣା କରିଛନ୍ତି, ତାହା ସାରା ବିଶ୍ୱ ଓ ବିଶେଷକରି ଭାରତ ପାଇଁ କ୍ଷତିକାରକ ବୋଲି ବୁଝିବା ଦରକାର। ବରଂ ଭାରତ ଚେଷ୍ଟା କରିବା ଉଚିତ୍ ଯେ, 'ଇସ୍ରାଏଲକୁ ପୃଥିବୀ ପୃଷ୍ଠରୁ ଲୋପ କରିବା ମୁଖ୍ୟ ଲକ୍ଷ୍ୟ' ବୋଲି 'ହମାସ୍' ବାରମ୍ବାର ନକହୁ। ଏହା କହିବା ଦ୍ୱାରା ଇସ୍ରାଏଲ ଏଭଳି ପ୍ରତିଆକ୍ରମଣ କରୁଛି ଯାହା ମୁଖତଃ ଆତ୍ମରକ୍ଷା ପାଇଁ ଉଦ୍ଦିଷ୍ଟ। ଯଦି 'ହମାସ୍', ଇସ୍ରାଏଲ ସହ ଶାନ୍ତିରେ ରହିବାର ଇଚ୍ଛା ପ୍ରକଟ କରନ୍ତା ତେବେ ହୁଏତ ଇସ୍ରାଏଲ ଏତେ ପ୍ରତିକ୍ରିୟାଶୀଳ ହୁଅନ୍ତା ନାହିଁ ଓ ପାଲେଷ୍ଟାଇନ ରାଷ୍ଟ୍ର ଗଠନ ପାଇଁ ସହମତି ପ୍ରକଟ କରନ୍ତା । ଜାତିସଙ୍ଘରେ ଏକ ସ୍ୱାଧୀନ, ସାର୍ବଭୌମ ପାଲେଷ୍ଟାଇନ ରାଷ୍ଟ୍ର ଗଠନ ପାଇଁ ପ୍ରସ୍ତାବ ଗୃହୀତ ହୋଇ ରହିଛି। କେବଳ ଇସ୍ରାଏଲ ସେଥିରେ ଏକମତ ହୋଇଗଲେ ସେ ରାଷ୍ଟ୍ର ଗଠିତ ହୋଇଯାନ୍ତା ।

ଅତୀତରେ ପାଲେଷ୍ଟାଇନ ଅଧିବାସୀମାନେ ଗାଜା ଓ ପଶ୍ଚିମତଟକୁ ଇସ୍ରାଏଲର ଦଖଲ ବିରୋଧରେ ୧୯୮୭ରୁ ୧୯୯୩ ଯାଏ ପ୍ରଥମ 'ଇନ୍ତେଫାଜା'(ବିଦ୍ରୋହ) କରି ସଫଳ ହୋଇଥିଲେ। ସାମନାରେ ରହି ଟେକା ପଥର ଫୋପାଡୁଥିବା ପାଲେଷ୍ଟାଇନ ଶିଶୁ ଓ ମହିଳାମାନଙ୍କୁ କେମିତି ପ୍ରତିହତ କରିବେ ଏହା ଥିଲା ଇସ୍ରାଏଲ ସେନାର ମୂଳ ସମସ୍ୟା। ପରେ ଦ୍ୱିତୀୟ ଇନ୍ତେଫାଜା ୨୦୦୦-୨୦୦୫ ବେଳେ ହମାସ୍, ଇସ୍ରାଏଲକୁ ଆତ୍ମଘାତୀ ବୋମାବାହକ ପଠାଇବାରୁ ଇସ୍ରାଏଲ ସେନା ସେମାନଙ୍କୁ ସହଜରେ ଦମନ କରିଦେଲେ। ତେଣୁ ହିଂସା ମାଧ୍ୟମରେ ପାଲେଷ୍ଟାଇନ ରାଷ୍ଟ୍ର ଯେ ଗଠିତ ହୋଇପାରିବ ନାହିଁ ଏହା ସତ୍ୟ।

ଅନ୍ୟ ପକ୍ଷରେ ଇସ୍ରାଏଲ ହେଉଛି ଭାରତର ସ୍ୱାଭାବିକ ବନ୍ଧୁ। ଦୁଇଟି ଯାକ ରାଷ୍ଟ୍ର ହେଉଛନ୍ତି ଗଣତାନ୍ତ୍ରିକ। ଦୁଇଟି ଯାକ ରାଷ୍ଟ୍ର ଇସଲାମୀ ଆତଙ୍କବାଦର ଶିକାର। ଅବଶ୍ୟ ଅତୀତରେ ଇସ୍ରାଏଲର କ୍ଷତି କରିଥିବା ତଥା ଇହୁଦୀ ହତ୍ୟା କରିଥିବା ଇସଲାମୀ ଆତଙ୍କବାଦୀମାନଙ୍କୁ ଇସ୍ରାଏଲର ବିଶ୍ୱ ବିଖ୍ୟାତ ଗୁଇନ୍ଦା ସଂସ୍ଥା 'ମୋସାଦ୍' ସାରା ପୃଥିବୀରେ ପିଛା କରି କରି ହତ୍ୟା କରିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ହିଟ୍ଲରଙ୍କର ଯେଉଁ ଫାସିଷ୍ଟ ଅଧିକାରୀମାନେ ଇହୁଦୀମାନଙ୍କର ଗଣହତ୍ୟା କରିଥିଲେ, ସେମାନେ ଆତ୍ମଗୋପନ କରିଥିଲେ ମଧ୍ୟ ଆର୍ଜେଣ୍ଟିନା ପର୍ଯ୍ୟନ୍ତ ଯାଇ ସେଠାରେ ସେମାନଙ୍କୁ ହତ୍ୟା କରିଛନ୍ତି।

ଭାରତ ଅବଶ୍ୟ ଏତେଦୂର ଯାଇ ପାରିବନି। କିନ୍ତୁ ମରୁଭୂମିରେ କେମିତି ଅଳ୍ପ ପାଣିରେ ବେଶି ଚାଷ କରିହୁଏ, ଖୋଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେ କଥା ଇସ୍ରାଏଲଠାରୁ ଶିଖି ଆସିଛନ୍ତି। କୃଷି ଉତ୍ପାଦନ ବୃଦ୍ଧି କ୍ଷେତ୍ରରେ ତେଣୁ ଇସ୍ରାଏଲ, ଭାରତକୁ ଅନେକ ସାହାଯ୍ୟ କରି ପାରିବ। ଗୁଇନ୍ଦା ତଥ୍ୟ ଓ ବିଶେଷକରି ଆତଙ୍କବାଦୀମାନଙ୍କ ତଥ୍ୟ ଇସ୍ରାଏଲ ଦେଇପାରିବ। ଭାରତର ପ୍ରତିରକ୍ଷା ପାଇଁ, କ୍ଷେପଣାସ୍ତ୍ର ଧ୍ୱଂସ ପାଇଁ ଅସ୍ତ୍ର ଇସ୍ରାଏଲ ଦେଇ ଆସିଛି ଓ ଭବିଷ୍ୟତରେ ଦେଇପାରିବ।

ଏଣୁ ଭାରତ, ତା'ର ବିଦେଶ ନୀତିରେ ପରିବର୍ତ୍ତନ ଆଣୁ। ଇସ୍ରାଏଲ ବିରୋଧୀ ବୋଲି ନିଜକୁ ବିଶ୍ୱ ଦରବାରରେ ପ୍ରମାଣିତ ନକରୁ। ଇସ୍ରାଏଲ ଯାହା କରୁଛି, ତାହା ତା'ର ଆତ୍ମରକ୍ଷା ପାଇଁ। ସେ ଅନ୍ୟ ଦେଶର ଅଞ୍ଚଳ ଦଖଲ ଚାହେଁନା। କେବଳ ପୃଥିବୀ ପୃଷ୍ଠରେ ସେ ଦେଶ ବଞ୍ଚି ରହିବାକୁ ଚାହେଁ। ଅତୀତରେ ଶରଣାର୍ଥୀ ଇହୁଦୀମାନଙ୍କୁ ଭାରତ ଆଶ୍ରୟ ଦେଇ ଆସିଛି। ଏବେ ସେମାନଙ୍କୁ ତିଷ୍ଠି ରହିବାକୁ ସୁଯୋଗ ଦେଉ।

Kharabelaswain@gmail.com

❖ ❖ ❖